ସକାଳ
THE SAKALA



## ତାରକେଶ୍ୱର ଯଜ୍ଞ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ

ଖଇରା, ୯ ।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତର ଶିରିପୁର-ବାସିଦିପୁରଠାରେ ବାବା ତାରକେଶ୍ୱର ଯଜ୍ଞ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଉଦ୍‌ଘାଟିତ ହୋଇ ଯାଇଛି। ତାରକେଶ୍ୱରଙ୍କ ଜଳାଭିଷେକ ପରେ ସଂଧ୍ୟାରେ ମହୋତ୍ସବ ତଥା ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ତଥା ଭାଜପା ରାଜ୍ୟ ପରିଷଦ ସଦସ୍ୟ ଇଂ ରାଜେଶ ମହାକୁଡ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯୁବଶକ୍ତି ଦେଶର ମେରୁଦଣ୍ଡ ଏବଂ ଯୁବଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିଥିଲେ। ତୁଡିଗଡିଆ ଜୋନର ମଣ୍ଡଳ ସଭାପତି ମାନସ କୁମାର ମୁଦୁଲି, ଏକ ଚ୍ୟାନେଲର ପରିଚାଳନା ମୁଖ୍ୟ ବସନ୍ତ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୋର ତ୍ରିବେଣୀ କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଧାରବାହିକ ନିର୍ଦ୍ଦେଶକ ବି ମହାନ୍ତି, ସାନ୍ଟୁ ପାଣି, ଚିତ୍ରଉତ୍ତୋଳକ ସଞ୍ଜୟ ପ୍ରଧାନ, ନାରାୟଣ ସାହୁ, ସତ୍ୟନାରାୟଣ ମହାନ୍ତି ତଥା ବିଭିନ୍ନ ଧାରାବାହିକ ଅଭିନେତ୍ରୀ ଅଭିନେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢୀ, ବୈଦ୍ୟନାଥ ସାମଲ, ରାଧାକାନ୍ତ ସାମଲ, ଦାମୋଦର ସାହୁ, ପାଣ୍ଡବ ବେହେରା, ରତିକାନ୍ତ ବେହେରା, ପବିତ୍ର ବେହେରା, ସନାତନ ସାହୁ, ରବିନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା

ବାଲିଆପାଳ/ଲଙ୍ଗଳେଶ୍ୱର, ୯।୨ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଛଡା ଗ୍ରାମରେ ଥିବା କ୍ଷେମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ସାଙ୍ଗକୁ ଜୈନିକ ଇଂରାଜୀ ଶିକ୍ଷକଙ୍କ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଧାରଣରେ ବସିଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷା ଦାନ ପାଇଁ ୭ ଜଣ ଶିକ୍ଷକ ରହିଛନ୍ତି। ପୂର୍ବରୁ ଜନୈକ ଶିକ୍ଷକଙ୍କ ମୃତ୍ୟୁ ପରେ ସେହି ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇ ନଥିବା ବେଳେ ପୁଣି ଇଂରାଜୀ ଶିକ୍ଷକ କିଶୋର କୁମାର ପାଣିଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇବା ପାଇଁ ଶିକ୍ଷା ବିଭାଗ ନୋଟିସ ଜାରି କରିଛନ୍ତି, ଯାହାକୁ ଜୋରଦାର ବିରୋଧ କରିଛନ୍ତି ଅଭିଭାବକ, ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ। ଡେପୁଟେସନ ପ୍ରତ୍ୟାହାର ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ଶତାଧିକ ଛାତ୍ରଛାତ୍ରୀ, ଗ୍ରାମବାସୀ ଏବଂ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ସରପଞ୍ଚ ଯଶୋଦାମଣି ଧଳ, ଗ୍ରାମବାସୀ ଏସ କେ କମିରୁଦ୍ଦିନ, ଅମଳେନ୍ଦୁ ମଣ୍ଡଳ, ରାଜସ୍ମିତା ନାଥ, ରାଜେନ୍ଦ୍ର ଧଳ, ପ୍ରଦୀପ କୁମାର ସାହୁ, ଚନ୍ଦନ ସେଠି ପ୍ରମୁଖ। ଅନ୍ୟ ପଟେ ପରିସ୍ଥିତି ଅସମ୍ଭାଳ ହେବାରୁ ବ୍ଲକ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରିଣୀ ନମିତା ପ୍ରଭା ସାମଲଙ୍କ ସହିତ ଓଷ୍ଟାର ସଭାପତି ବିଜୟ ପାତ୍ର ପହଞ୍ଚି ଶିକ୍ଷକଙ୍କ ଡେପୁଟେସନ ନିର୍ଦ୍ଦେଶକୁ ସ୍ଥଗିତ କରାଯିବ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କରାଯାଇଛି ବୋଲି ଜଣାପଡିଛି।

## ସୋର ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ସୋର, ୯।୨(ସମିସ): ସୋର ପୌର ପାଳିକା ଅନ୍ତର୍ଗତ କାଳୀପଡିଆସ୍ଥ ମହୋତ୍ସବ ପଡିଆରେ ଅନୁଷ୍ଠିତ ସୋର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହୋତ୍ସବ କମିଟି ଅଧକ୍ଷ ଶଶୀକୁମାର ସାହୁ, ସମ୍ମାନିତ ଅତିଥି ଭାବେ ଚଳଚିତ୍ର ଅଭିନେତା ପୁପିନ୍ଦର, ସମାଜସେବୀ ସୁବ୍ରତ କୁମାର ବାରିକ, ନବମ ଶ୍ରେଣୀ ଛାତ୍ର ତଥା କୁନି ବୈଜ୍ଞାନିକ କୌଶିକ କର, ବିଜ୍ଞାନ ଶିକ୍ଷକ ତୁଷାର କୁମାର ଧଡ଼ା, ଚଳଚିତ୍ର ଅଭିନେତ୍ରୀ ଧାରା ଶ୍ରାବଣୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସତ୍ୟାନନ୍ଦ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର କୌଶିକ କରଙ୍କ ଦ୍ୱାରା ନିର୍ମିତ ଏବଂ ଇଷ୍ଟର୍ଣ୍ଣ ଜୋନରୁ ମନୋନୀତ ହୋଇ ଜାତୀୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ଏଡୁବୋର୍ଟ ନାମକ ରୋବର୍ଟକୁ ମଞ୍ଚରେ ପ୍ରଦର୍ଶିତ କରାଯାଇଥିଲା। ପରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟ ପ୍ରାରମ୍ଭରେ ସଭାପତି ଶ୍ରୀ ଘଡେଇ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ତାପସ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅଜିତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଚଳଚିତ୍ର ଅଭିନେତା ପୁପିନ୍ଦର ଏବଂ ଅଭିନେତ୍ରୀ ଧାରା ଶ୍ରାବଣୀଙ୍କ ଡାଇଲଗ ଏବଂ କଣ୍ଠଶିଳ୍ପୀ ବବି ରାଜ ଓ ଡଲି ରାଜଙ୍କ ଗୀତରେ ଦର୍ଶକ ଝୁମିଥିଲେ।

## ଜବତ ପଥର ୬.୫ ଲକ୍ଷରେ ନିଲାମ

ସୋର, ୯।୨ (ସମିସ): ସୋର ଥାନା ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ସୋର ତହସିଲଦାର ଚଢ଼ଉ କରି ଜବତ ପଥରକୁ ନିଲାମ କରିଥିବା ଜଣାପଡିଛି। ସୂଚନା ଅନୁସାରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଖାଦାନରେ ପଥର ଚାଲାଣ ହେଉଥିବା ଜାଣିପାରି ଚଢାଉ କରିଥିଲେ। ଚଢ଼ଉ ସମୟରେ ୧ ହଜାର କ୍ୟୁବି ମିଟର ପଥର ଜବତ କରିଥିଲେ। ଅପରାହ୍ନରେ ଜବତ ପଥରକୁ ୬ ଲକ୍ଷ ୫୦ ହଜାର ଟଙ୍କାରେ ନିଲାମ କରିଥିଲେ। ଏହି ସମୟରେ କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ତିନିଦିନିଆ କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ



ନୀଳଗିରି, ୯।୨ (ସମିସ): ଆଜି ନୀଳଗିରି ଉପଖଣ୍ଡ ସଦର ମହକୁମାରେ ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୫/୨୬ ଶୁଭାରମ୍ଭ ହୋଇଯାଇଛି। ଏହି ମେଳାକୁ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ମେଳାରେ ଆୟୋଜିତ ଏକ ସାଧାରଣ ସଭାରେ କୃଷି ଯନ୍ତ୍ର ପାତି ମେଳାର ଅଧକ୍ଷ ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ମୁଖ୍ୟଅତିଥି ବିଧାୟକ ଶ୍ରୀ ଖଟୁଆଙ୍କ ସମେତ ସମ୍ମାନୀତ ଅତିଥି ଭାବେ ଉଭୟ ନୀଳଗିରି ଓ ଔପଦା ପଞ୍ଚାୟତି ସମିତିର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସୁଶ୍ରୀ ବିସିବିସ୍ୱା ପାତ୍ର, ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ବେହେରା, ଅବସରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ନୀଳଗିରି ବ୍ଲକ କୃଷି ପରାମର୍ଶ ଅଧକ୍ଷ କୃତିବାସ ବେହେରା, ବାଲେଶ୍ୱର ଜିଲ୍ଲା ପରିଷଦ କୃଷି ପରାମର୍ଶ କେନ୍ଦ୍ରର ଅଧକ୍ଷ ଗତିକୃଷ୍ଣ ନନ୍ଦ, ଉଦ୍ୟାନ କୃଷି ସହକାରୀ ଉପ ନିର୍ଦ୍ଦେଶକ ଗୋପୀନାଥ କର, କୃଷି ଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ, ସହକାରୀ ଉପଜିଲ୍ଲାପାଳ ଦେବୀଦତ୍ତ ପ୍ରୀତି ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ମେଳାର କୃଷି, କୃଷକ ସଶକ୍ତକରଣ ସହିତ ଆଧୁନିକ କୃଷି ଯନ୍ତ୍ର ପାତି ବ୍ୟବହାର, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧମରେ ସୁଯୋଗ ନେବା ପାଇଁ ପ୍ରବର୍ତ୍ତାଇ ଥିଲେ। ଜୈବିକ ପଦ୍ଧତିରେ ସାର୍ ପ୍ରସ୍ତୁତ କରି କୃଷି କ୍ଷେତ୍ରରେ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱଳ୍ପ ସମୟରେ ଯାନ୍ତ୍ରିକ ଶକ୍ତି ବଳରେ ଅଧିକ ଫସଲ ଉତ୍ପନ୍ନ କରିବା ଏବଂ ସରକାରଙ୍କ ବିଭିନ୍ନ ଯୋଜନାରେ ସୁଯୋଗ ନେବା ପାଇଁ ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଅଗ୍ରଣୀ କୃଷି ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୀଳଗିରି କୃଷି ଜିଲ୍ଲା ଅଧିକାରିଣୀ ଧନ୍ୟବାଦ ଦେଇଥିଲେ।

## ଧର୍ମଘଟକୁ ସଫଳ କରିବାକୁ ପ୍ରସ୍ତୁତି ବୈଠକ

ନୀଳଗିରି, ୯।୨ (ସମିସ): ଆସନ୍ତା ଫେବୃଆରୀ ବାର ତାରିଖ ସାଧାରଣ ଧର୍ମଘଟକୁ ସଫଳ ପାଇଁ ନୀଳଗିରି ରେ ତିନି ଦଳ ତରଫରୁ ପ୍ରସ୍ତୁତି ବୈଠକ ସିପିଏମ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିପିଆଇ (ଏମ )ନେତା ବିଜୟ ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ଗଙ୍ଗାଧର ମହାପାତ୍ର, ଷ୍ଟାଲୀନ ମିଶ୍ର, ସିପିଆଇ ଦଳ ତରଫରୁ ନିରଞ୍ଜନ ବାରିକ, ବିଜୟ ସ, କଂଗ୍ରେସ ଦଳ ତରଫରୁ ଯଶୋଦା ନନ୍ଦନ ସିଂ, ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ଔପଦା ଆଞ୍ଚଳିକ ମହୋତ୍ସବର ମେଗା ଅଡିସନ



ଔପଦା, ୯।୨ (ସମିସ): ଔପଦା ଆଞ୍ଚଳିକ ମହୋତ୍ସବ ପକ୍ଷରୁ ଔପଦା ଡିଗ୍ରୀ କଲେଜ ପରିସରରେ ମେଗା ଅଡିସନ ୨୦୨୬ର ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଔପଦା ଡିଗ୍ରୀ କଲେଜ ପରିସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବିସି ବିସ୍ୱା ପାତ୍ର, ଉଦଘାଟକ ଭାବେ ଔପଦା ରେଞ୍ଜର ହରିହର ମାଝୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଔପଦା ଆଞ୍ଚଳିକ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନ, କମିଟି ଉପଦେଷ୍ଟା ଭଗବାନ ଚରଣ ନାୟକ, ମହେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଅଭିମନ୍ୟୁ ପଣ୍ଡା, ପ୍ରୋଗ୍ରାମ କୋଡ଼ିନେଟର ଜୟଶ୍ରୀ ବେହେରା, ଅଡିସନ କୋଡ଼ିନେଟର ଆଶୁତୋଷ ପଣ୍ଡା, ମୋନାଲିସା ପଣ୍ଡା, କୋଷାଧକ୍ଷ ହରେକୃଷ୍ଣ ପରିଡା, ମହୋତ୍ସବ କମିଟି କାର୍ଯ୍ୟକାରୀ ସଦସ୍ୟ ଅଭିମନ୍ୟୁ ତ୍ରିପାଠୀ, ଧରିତ୍ରୀ ପଣ୍ଡା, ଅଭିମନ୍ୟୁ ବେହେରା, ସୁଧାଂଶୁ ପଟ୍ଟନାୟକ, ଦୈତାରୀ ପରିଡା, ସଞ୍ଜୟ ନାୟକ, ସୁମନ୍ତ ପାତ୍ର, ସୁଦର୍ଶନ ଜେନା, ଆଶୁତୋଷ ନାୟକ, ଶ୍ରୀକୃଷ୍ଣ ବେହେରା, ଜଗଦୀଶ ସାହୁ, ନିରଞ୍ଜନ ମଲ୍ଲିକ, ଅନିଲ କୁମାର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମେଗା ଅଡିସନରେ ମୋଟ ୬୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଆସନ୍ତା ମାର୍ଚ୍ଚ ୨୫ରୁ ମାର୍ଚ୍ଚ ୩୧ ମଧ୍ୟରେ ଔପଦା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ନିଜର ପାରଦର୍ଶିତା ପାଇଁ ମଞ୍ଚ ରେ ସୁଯୋଗ ଦିଆଯିବା ସହିତ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି।

## ପଥର ବୋଝେଇ ଡମ୍ଫର ଜବତ

ସୋର, ୯।୨ (ସମିସ): ସୋର ଥାନା ବାଗୁଡ଼ି ବଜାର ନିକଟରୁ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ତହସିଲଦାର ଜବତ କରି ତହସିଲ ପରିସରରେ ରଖିଛନ୍ତି। ଖଞ୍ଜାମାହାଲ ଏବଂ ମହୁମୁହାଣ ପଥର ଖାଦାନ ଅଞ୍ଚଳରେ ପ୍ରଶାସନ ତରଫରୁ ୧୬୩ ଧାରା ଲାଗୁ କରାଯାଇଥିବା ବେଳେ ପଥର ମାଫିଆ ମାନେ ବେଧଡକ ପଥର ଚୋରି କରିବାରେ ଲାଗିଛନ୍ତି। ଆଜି ସନ୍ଧ୍ୟାରେ ଖାଦାନ ଅଞ୍ଚଳରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜାଣି ପାରି ତହସିଲଦାର ଦୈତାରୀ ମଲ୍ଲିକ ବାଗୁଡ଼ି ବଜାରରେ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଡମ୍ଫର ପଥର ବୋଝେଇ କରି ଆସୁଥିବା ବେଳେ ପଥର ସହ ଡମ୍ଫରଟିକୁ ଜବତ କରି ତହସିଲ ପରିସରରେ ରଖିଛନ୍ତି।

## ଇଣ୍ଡିଆନ ଆଇଡଲ୍ -୧୬ ଫାଇନାଲରେ ନୀଳଗିରି ଝିଅ ଜ୍ୟୋତିର୍ମୟୀ

ନୀଳଗିରି, ୯।୨ (ସମିସ): ସୋନିଟିଭି ରିଆଲଟି ଶୋ ଇଣ୍ଡିଆନ ଆଇଡଲ୍ -୧୬ର ଶେଷପର୍ଯ୍ୟାୟରେ ନୀଳଗିରି ମାଟିର ସୁନାଝିଅ ଜ୍ୟୋତିର୍ମୟୀ ନାୟକ। ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ପିତା ଚକ୍ରଧର ନାୟକ ଓ ମାତା ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ। ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚି ରଖିଥିବା ଜ୍ୟୋତିର୍ମୟୀ ଓଡ଼ିଆରେ ୧ହଜାରରୁ ଅଧିକ ଗୀତଗାଇଥିବା ବେଳେ କର୍କଟ ରୋଗରେ ପୀଡିତ ରୋଗୀଙ୍କ ପାଇଁ ମ୍ୟୁଜିକ ଥେରାପି ମାଧ୍ୟମରେ ଗୀତଗାଇ ଆନନ୍ଦପ୍ରଦାନ କରିଥାନ୍ତି। ଚଳିତ ଇଣ୍ଡିଆନ ଆଇଡଲ୍ -୧୬ରେ ଲଗାତାର ପ୍ରଭାବଶାଳୀ ପ୍ରଦର୍ଶନକରି ବିଚାରକଙ୍କ ପ୍ରଥମ ପସନ୍ଦ ହୋଇପାରିଛନ୍ତି। ତେବେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଜ୍ୟୋତିର୍ମୟୀ ଅନ୍ୟପ୍ରତିଯୋଗୀ କଣ୍ଠଶିଳ୍ପୀ ମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ସର୍ବାଗ୍ରେ ରହିଥିବାବେଳେ ଫାଇନାଲରେ ବିଜୟୀହୋଇ ବିଜୟମୁକୁଟ



**ବିଜୟ ମୁକୁଟ ପିନ୍ଧିବା ନେଇ ପରିବାରରେ ଅଖଣ୍ଡ ଦୀପଦାନ**

ପିନ୍ଧି ରାଜ୍ୟ, ଜିଲ୍ଲା ଏବଂ ଜନ୍ମମାଟି ନୀଳଗିରି ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ହଜାରହଜାର ଓଡ଼ିଶାବାସୀ ଏବଂ ନୀଳଗିରିବାସୀ ଶୁଭେଚ୍ଛା ଜଣାଇଛନ୍ତି। ପରିବାରରେ ତାଙ୍କର ମଙ୍ଗଳକାମନା କରି ଅଖଣ୍ଡ ଦୀପଦାନ କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୪୬୭ ଆବେଦନ ପଞ୍ଜିକୃତ



ବାଲିଆପାଳ, ୯।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋମବାର ଚତୁର୍ଦ୍ଦଶ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୬୭ ଟି ଆବେଦନ ପଞ୍ଜିକୃତ ହୋଇଥିଲା। ଚକ୍ଷୁ ବିଭାଗରେ ୯୦ ଜଣ, ମାନସିକ ବିଭାଗରେ ୭୮ ଜଣ, ଅସ୍ଥିଶଲ୍ୟ ୨୯୯ ଜଣଙ୍କୁ ପରୀକ୍ଷା କରାଯାଇଛି। ଚକ୍ଷୁ ବିଶେଷଜ୍ଞ ଡାକ୍ତର ପିୟୁଷ ପ୍ରକାଶ ମହାପାତ୍ର, ଅସ୍ଥିଶଲ୍ୟର ନିର୍ମାଲ୍ୟ ମହାପାତ୍ର, ରାଧାପ୍ରାସାଦ ମିଶ୍ର, ମାନସିକ ବିକୃତ ବିଶେଷଜ୍ଞ ବ୍ରଜ କିଶୋର ଗିରି , ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ। ଏହି ଶିବିରରେ ବକ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି ଶିବିରରେ ପିଇବା ପାଣି ବୋତଲ ଏକ୍ସପାରି ହୋଇଯାଇଥିବା ଦିଆଯାଇଥିଲା ଏ ନେଇ ସୂଚନା ଅଧିକାରୀ ସଙ୍ଘର ସଭାପତି ଅନୁଜ ମହାପାତ୍ର ପ୍ରତିବାଦ କରିଥିଲେ। ଟାଟା ଷ୍ଟିଲ ପକ୍ଷରୁ ଏବଂ ବାଲିଆପାଳରେ ଶ୍ରଦ୍ଧା ମହିଳା ସଂଗଠନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବୈଠକ

ଜଳେଶ୍ୱର ବ୍ଲକ, ୯।୨(ସମିସ): ନିଶାମୁକ୍ତ ସମାଜ ଗଠନ ନିମନ୍ତେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତରଫରୁ ଜଳେଶ୍ୱର ଷ୍ଟେସନ ବଜାରସ୍ଥିତ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ମୋନାର ଜଳେଶ୍ୱର ଶାଖା ସଭାପତି ଅଶୋକ କୁମାର ଜେନାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ଜିଲ୍ଲାରେ ବେନିୟମ ନିଶା କାରବାର ଓ ମାଫିଆ ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି। ବିଗତ ଦିନରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା). ଜଳେଶ୍ୱର ଶାଖା, ଆମ୍ବେଦକର ସମତା ମଞ୍ଚ, ଜଳେଶ୍ୱର ତଥା ବିଭିନ୍ନ ଗଣ ସଂଗଠନ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଇବା ଏବଂ ସରକାରଙ୍କୁ ମଧ୍ୟ ଜଳେଶ୍ୱରରେ ନିଶା ମାଫିଆ ମାନଙ୍କ ଅବାଧ ନିଶା ଦ୍ରବ୍ୟ କାରବାର ସମ୍ବନ୍ଧରେ ଅବଗତ କରାଇଥିଲେ ମଧ୍ୟ ବେନିୟମ ନିଶା କାରବାରକୁ ନିଷିଦ୍ଧ କରିବାରେ ପ୍ରଶାସନ ସଫଳ ହୋଇ ପାରିନାହିଁ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଳେଶ୍ୱର ଶାଖା ଉକ୍ତ ବୈଠକରେ ଉପସ୍ଥିତ ସଦସ୍ୟ ମାନଙ୍କ ସହମତି କ୍ରମେ ଜଳେଶ୍ୱର ସହରରେ ଆଗାମୀ ୨ ସପ୍ତାହ ମଧ୍ୟରେ ନିଶା ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇ ରାଷ୍ଟ୍ରପତି ମହୋଦୟାଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଯୋଗ ଦେବାକୁ ଜଳେଶ୍ୱର ମୋନା ଶାଖାର ସଭାପତି ଅଶୋକ କୁମାର ଜେନା ଜଳେଶ୍ୱର ବାସୀଙ୍କୁ ନିବେଦନ କରିଛନ୍ତି। ଉକ୍ତ ସଭାକୁ ସଫଳ କରିବା ନିମନ୍ତେ ସମ୍ପାଦକ ପ୍ରଦୀପ ସିଂହ, କୋଷାଧକ୍ଷ ଦୁର୍ଗା ଶଙ୍କର ଆଶ, ଭୋଗରାଇ ମୋନାର ସଦସ୍ୟ ଜାମସେଦ ଅଲ୍ଲୀ ଖାଁ, ସାମ୍ବାଦିକ ରବୀନ୍ଦ୍ର ସେନାପତି, ଲକ୍ଷ୍ମୀକାନ୍ତ ଜେନା, ରମେଶ ଚନ୍ଦ୍ର ଜେନା, ବବିତା ପାତ୍ର, ନୀରୋଜ ବେହେରା, ତପନ ନାୟକ, ପ୍ରଶାନ୍ତ ଦାସ, ଗଣେଶ ଚନ୍ଦ୍ର ଗିରି ପ୍ରମୁଖ ସହଯୋଗ କରିଥିଲେ।

## ୩୦ ବଜ୍ରକାପ୍ତା କାତି ଜବତ, ମହିଳାଙ୍କ ସମେତ ୩ ଗିରଫ




ନୀଳଗିରି, ୯।୨ (ସମିସ): ବାଲେଶ୍ୱର ବନଖଣ୍ଡ ଅଧୀନସ୍ଥ ଏକମାତ୍ର ଅଭୟାରଣ୍ୟ କୁଲଡିହା ଅଞ୍ଚଳରେ ବୃଦ୍ଧିପାଇଥିବା ବନ୍ୟଜନ୍ତୁ ଶିକାର ଏବଂ ଦେହାବଶେଷ ତସ୍କରୀକୁ ରୋକଦେବା ସହ ଶିକାରୀ ଓ ବେପାରୀମାନଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଉଛି। ତେବେ ଏହି ଦେହାବଶେଷ ରାକେଟକୁ ୧୭କେ ୨୦୨୫/୨୬ରେ ସ୍ୱତନ୍ତ୍ର ମାମଲା କରାଯାଇ ଏହି ଘଟଣାରେ ଆଜିସୁଦ୍ଧା ମୋଟ ୧୪ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ବନ୍ୟଜନ୍ତୁ ଶିକାର ନିୟମରେ ମାମଲା ରୁଜୁ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫ୍‌ଓ ତଥା କୁଲଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢାଉ ଜାରିରହିଥିବା ବେଳେ ଆଜି ଜଣେ ମହିଳାଙ୍କ ସମେତ ଅନ୍ୟ ଦୁଇଜଣ ପୁରୁଷ ଦେହାବଶେଷ ବେପାରୀଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୩୦ଟି ବଜ୍ରକାପ୍ତା କାତି, ୪ଟି ମୋବାଇଲ ଜବଦ କରାଯାଇଛି। ଜାନୁଆରୀ ୨୨ତାରିଖ ଠାରୁ ଉକ୍ତ ଘଟଣାକୁ ସ୍ୱତନ୍ତ୍ର ରେଜିଷ୍ଟ୍ରିଭୁକ୍ତ କରାଯାଇ ତଦନ୍ତ ଚାଲୁରହିଛି। ଗତ ଫେବୃଆରୀ ୩ତାରିଖରେ ଏହି ଘଟଣାରେ ୬ଜଣକୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ସହକାରୀ ଶିକ୍ଷକଙ୍କ ସଂପୃକ୍ତି ଥିବାବେଳେ ଆଜି ଗିରଫ ହୋଇଥିବା ୩ଜଣ ବନ୍ୟଜନ୍ତୁ ଦେହାବଶେଷ ବେପାରୀଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସଂପୃକ୍ତି ଥିବା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି। ମହିଳାଜଣକ ଉକ୍ତ ଘଟଣାର କିଙ୍ଗପିନ୍ ବନବିଭାଗ କହୁଥିବା ବେଳେ ସରକାରୀ ଚାକିରିଆ, ମହିଳା ଏହି ଘଟଣାରେ ଗିରଫହେବା ପଛରେ ରାକେଟର ଗଭୀରତା କେତେ ତାହା ବିଚାର୍ଯ୍ୟ।

# ସରକାରୀ ରାସ୍ତା ମଝିରେ ବାଡ଼ ବସାଇ ନିର୍ମାଣକୁ ବିରୋଧ

ଚନ୍ଦନେଶ୍ୱର, ୯।୨ (ସମିସ)

ଭୋଗରାଇ ବ୍ଲକ ଜଗନ୍ନାଥପୁର ଛକରୁ ରଣକୋଠାକୁ ଯାଇଥିବା ମୁଖ୍ୟ ରାସ୍ତା ନିର୍ମାଣରେ ଦେଖାଦେଇଛି ସମସ୍ୟା। ଟୁକୁରୀହାଜିରା ପଞ୍ଚାୟତ ଅଧିନ ଫୁଲବଣୀ ଖାସ ଗାଁର ସୁମତୀ ସିଂହ ଏବଂ ତାଙ୍କର ୩ଜଣ ପୁଅ ରାସ୍ତା ମଝିରେ ବାଡ ବସାଇ ଉନ୍ନୟନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି। ଏ ନେଇ ଭୋଗରାଇ ତହସିଲଦାର, କାର୍ଯ୍ୟନିବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଠିକାଦାର ସମସ୍ତଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ବାଧହୋଇ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ ସୋମବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପୂର୍ବକ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଛି। ନହେଲେ ସମୂହ ପଞ୍ଚାୟତବାସୀ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିବା ସହିତ ଜନ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିବରଣୀରୁ ପ୍ରକାଶ, ଦୀର୍ଘ ଦିନରୁ ଜଗନ୍ନାଥପୁର-ରଣକୋଠା ଏକ ମୁଖ୍ୟ ରାସ୍ତା ଭାବେ ସର୍ବ ସାଧାରଣରେ ବ୍ୟବହାର ହୋଇ ଆସୁଥିଲା। ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ପୀଠକୁ ଏହି ରାସ୍ତା ଲମ୍ବି ଥିବା ବେଳେ ଭୋଗରାଇର ଭାତହାଣ୍ଡି କୁହାଯାଉ ଥିବା କୀର୍ତ୍ତନିଆର ଚାଷ ଜମିକୁ ମଧ୍ୟ ସମସ୍ତେ ଯାଆସ କରନ୍ତି। ୨୦୦୪ରେ ଏହି ରାସ୍ତା ଓସାର ହୋଇ ନିର୍ମାଣ ହୋଇଥିଲା। ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ରାସ୍ତାକୁ ଅଧିକ ପ୍ରଶସ୍ତ କରିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ଘରପାଖରୁ କ୍ଲବ ଘର ପର୍ଯ୍ୟନ୍ତ ରାସ୍ତା ହେବ। ମାତ୍ର ପୋଷ୍ଟ ଅଫିସ ଛକ ନିକଟରେ ବିବାଦ ଉପୁଜିଛି। ଫୁଲବଣୀ ଖାସ ଗାଁର ସୁମତୀ ସିଂହ ତାଙ୍କର ୩ପୁଅ ଏବଂ ଜଣେ ଝିଅଙ୍କ ନାମରେ ହାଲ ଖତିୟାନ ନଂ ୬୯, ପ୍ଲଟ ନମ୍ବର ୧୫୦୬,୧୫୦୭,୧୫୦୮ ରେ ୪୭ଡେସିମିଲ ଜାଗା ରେକର୍ଡ ଭୁକ୍ତ ହୋଇଛି। କିନ୍ତୁ ଗତ ବନ୍ଦୋବସ୍ତ ପୂର୍ବରୁ ସେଠାରେ ୩୮ଡେସିମିଲ ଜାଗା ଥିଲା। ଜାଗାର ସର୍ବାଧିକାରୀ ଅନ୍ୟ କୌଣସି ଜାଗା ନକିଣି ଚଞ୍ଚକତା କରି ବନ୍ଦୋବସ୍ତରେ ଅଧିକ ୯ ଡିସିମିଲ ଜାଗା ରେକର୍ଡ କରିଥିବା ପଞ୍ଚାୟତବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ସୁମତୀ ସିଂହଙ୍କ ପୁତ୍ର ବିଜୟ ସିଂହ ରାସ୍ତା ମଝିରେ ବାଡ ବସାଇ ଅବରୋଧ କରିଛନ୍ତି। ଏ ନେଇ ପଞ୍ଚାୟତବାସୀ ସରଜମୀନ ତଦନ୍ତ କରି ଭୁଲ ରେକର୍ଡକୁ ସାବକ ରେକର୍ଡ ଅନୁଯାୟୀ ସଂଶୋଧନ କରି ସରକାରୀ ରାସ୍ତାର ସୁରକ୍ଷା ପାଇଁ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଜିଲ୍ଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ସରପଞ୍ଚ ପ୍ରମୁଖ ଦାବି କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟର ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସରପଞ୍ଚ ଶ୍ରୀ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଉପାଧକ୍ଷାଙ୍କ ପ୍ରତିନିଧି ସନ୍ତୋଷ ସାସମଲ, ପୂର୍ବତନ ସମିତି ସଦସ୍ୟ ବିକ୍ରମ କେଶରୀ ଚାନ୍ଦ, ସମାଜସେବୀ ରବୀନ୍ଦ୍ର ମହାନ୍ତି, ସୁଜିତ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖାର କାର୍ଯ୍ୟକାରିଣୀ ବୈଠକ

ନୀଳଗିରି, ୯।୨ (ସମିସ): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ ବିଶେଶ୍ୱର ଶୈବ ପୀଠରେ ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଶାଖାର ଚତୁର୍ଥ ବାର୍ଷିକ ଉତ୍ସବ ତଥା ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବ ରେ ସଙ୍ଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନୀଳଗିରି ର ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ମୁଖ୍ୟ ବକ୍ତା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବରେଣ୍ୟ ଅତିଥି ଜିଲ୍ଲା ସଭାପତି ଲୋକନାଥ ଦଳେଇ, ସମ୍ପାଦକ ସୁଧାଂଶୁ ବାରିକ, ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଲ, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ରାଜ୍ୟ ଉପସଭାପତି ରଶ୍ମିରଞ୍ଜନ ମିଶ୍ର, ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ବାରିକ ମଞ୍ଚାସିନ ରହି ଉପସ୍ଥିତ ୨୨ ଗୋଟି ଜିଲ୍ଲା ତଥା ବାଲେଶ୍ୱରର ୩୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଉଦବୋଧନ ଦେଇଥିଲେ। ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ ମଞ୍ଚ ପରିଚାଳନା କରିଥିଲେ।

